## ସଂକ୍ଷେପରେ

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୨୨।୧: ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ଦିବାକର ଜେନା। ୨୦୧୭ ଜୁଲାଇରେ ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୨୦୧୭ ଜୁଲାଇ ୧୫ରେ ଗୋଷଣୀନୂଆଗାଁ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଦିବାକରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ବିଚାର ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ୍ କୋର୍ଟରେ ରେକର୍ଡ଼ କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ଏ. ଲାଛେୟା ରେଡ୍ଡୀ ମକଦ୍ଦମା ପରିଚାଳନା କରିଥିଲେ।

### ଶନିଶ୍ଚର ପୀଠରେ ବାର୍ଷିକ ମହୋତ୍ସବ

ବ୍ରହ୍ମପୁର ଅଫିସ,୨୨।୧: ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥ ଭୈରବ ପୋଖରୀ ପାର୍ଶ୍ୱରେ ଥିବା ଶନିଶ୍ଚର ଦେବପୀଠ ପ୍ରତିଷ୍ଠା ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ହୋମଯଜ୍ଞରେ ମନ୍ଦିର ଉଦ୍ୟୋକ୍ତା ତଥା ବିଏମ୍‌ସି ଡେପୁଟି କମିଶନର ଅଦ୍ୱୈତ ପ୍ରସାଦ ସ୍ୱାଇଁ ଦମ୍ପତି ପୁରୋଧା ଥିଲେ। କରୋନା କଟକଣା ଯୋଗୁ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଥିଲା। ସୂଚନାଯୋଗ୍ୟ, ପୋଖରୀ ପାର୍ଶ୍ୱରେ ସକଳେଶ୍ୱର ଶୈବ, ଜଗନ୍ନାଥ, ଗଣେଶ, କନକଦୁର୍ଗା, ସଙ୍କଟ ମୋଚନ ହନୁମାନଙ୍କ ପୂର୍ଣ୍ଣାଙ୍ଗ ବିଗ୍ରହ, ମା' ବିମଳାଙ୍କ ମନ୍ଦିର, ସତ୍‌ସଙ୍ଗ କେନ୍ଦ୍ର, ଭାଗବତ ଟୁଙ୍ଗି ଆଦି ରହିଛି। ପୋଖରୀରେ ଶହ ଶହ ରଙ୍ଗିନ ମାଛ ଖେଳୁଥିବାରୁ ପିଲାଙ୍କ ମନୋରଞ୍ଜନ ପାଇଁ ଖୋରାକ୍ ଯୋଗାଉଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୋଖରୀ ରକ୍ଷଣାବେକ୍ଷଣ କରାଯାଉଛି।

### ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ
### ୯୫ ରନରେ ଷ୍ଟାର ସ୍ପୋର୍ଟିଂ କ୍ଲବ ବିଜୟୀ

ବ୍ରହ୍ମପୁର ଅଫିସ,୨୨।୧:ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଏସ୍‌ଏମ୍‌ଆଇଟି ଆଙ୍କୁଶପୁର ଖେଳପଡ଼ିଆଠାରେ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଗ୍ରୁପ୍-ଏର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର ସ୍ପୋର୍ଟିଂ କ୍ଲବ ଓ ଅକ୍ସଫୋର୍ଡ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ଷ୍ଟାର ସ୍ପୋର୍ଟିଂ କ୍ଲବ ୪୦ ଓଭରରେ ୮ ଉଇକେଟ ବିନିମୟରେ ୨୧୩ ରନ କରିଥିଲେ। ଜବାବରେ ଅକ୍ସଫୋର୍ଡ ସ୍ପୋର୍ଟିଂ କ୍ଲବ ୧୧୮ ରନ କରି ସମସ୍ତ ଉଇକେଟ ହରାଇ ଥିଲା। ଏହି ମ୍ୟାଚରେ ସରୋଜ ପାଢ଼ୀ ଓ ଧୀରେନ ପଣ୍ଡା ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ଷ୍ଟାର ସ୍ପୋର୍ଟିଂ କ୍ଲବର କମଲ କାନ୍ତ ଦାସ ୮୧ ବଲରେ ୮୫ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

### ଆଇଟିଆଇର ୪୨ ଛାତ୍ରୀ ତେଲଙ୍ଗାନାରେ ନିଯୁକ୍ତ



ବ୍ରହ୍ମପୁର ଅଫିସ୍,୨୨।୧:ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ର ୪୨ ଛାତ୍ରୀ ତେଲଙ୍ଗାନା ଗୁଡୁରୁ ସ୍ଥିତ ରାଇଜିଂ ଷ୍ଟାର ନାମକ ମୋବାଇଲ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଗତ ଡିସେମ୍ବରରେ ଆଇଟିଆଇରେ ହୋଇଥିବା ନିଯୁକ୍ତି ସପ୍ତାହ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଚୟନ ହୋଇଥିଲେ। ଗତ ୨୦ ତାରିଖରେ ଅନୁଷ୍ଠାନ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ କମ୍ପାନୀରେ ନିଯୁକ୍ତ ପାଇଥିଲେ। ଆଇଟିଆଇର ବିଭିନ୍ନ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ନେଇ ବିଭିନ୍ନ କମ୍ପାନୀ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେଉଥିବା ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ୩୪ ମାସରେ ୩୦ ପ୍ରତିଶତ କାମ

ଭଞ୍ଜନଗର,୨୨।୧(ଡି.ଏନ.ଏ.)

## ମନ୍ଥର ଗତିରେ ବିଜୁ ସେତୁ କାମ



ବିଜୁ ସେତୁ କାମ ମନ୍ଥର ଗତିରେ ଚାଲିଛି ।

ରାଜ୍ୟ ସରକାର ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରିବା ପରେ ରାଜ୍ୟରେ ଗମନାଗମନ କ୍ଷେତ୍ରରେ ପରିବର୍ତ୍ତନ ଆସିଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜୁ ସେତୁ ଯୋଗୁ ଗମନାଗମନରେ ସୁବିଧା ହୋଇଛି। କିନ୍ତୁ ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ଚାଲିଥିବା ବିଜୁ ସେତୁ ଯୋଜନାର କେତେକ କାମ ବର୍ତ୍ତମାନ ମନ୍ଥରେ ଗତିରେ ଚାଲିଛି। ନିର୍ଦ୍ଧାରିତ ସମୟ ସରିଥିଲେ ମଧ୍ୟ ଅବଧି ବାରମ୍ବାର ବଢ଼ାଯାଉଛି। ଏହିଭଳି ଭଞ୍ଜନଗର ନିକଟସ୍ଥ କମଳାବାରି ବଡ଼ନଦୀ ଉପରେ ଚାଲିଥିବା ବିଜୁ ସେତୁ କାମ ବର୍ତ୍ତମାନ ମନ୍ଥର ଗତିରେ ଚାଲିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ଠିକାଦାର କାମ ମନ୍ଥରେ ଗତିରେ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ପ୍ରକାଶଯେ, କମଳାବାରି ବିଜୁ ସେତୁ ପ୍ରାୟ ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେଉଛି। ୨୦୧୯ ଫେବୃୟାରୀ ୨୭ରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶିଳାନ୍ୟାସ କରିଥିଲେ। ୨୦୨୧ ଡିସେମ୍ବର ସୁଦ୍ଧା କାମ ସରିବା ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମାତ୍ର ୩୦ ପ୍ରତିଶତ କାମ ଠିକ୍ ଭାବେ ସରିନାହିଁ। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଭାଗୀୟ ଯନ୍ତ୍ରୀମାନେ କାମ ଠିକ୍ ଭାବେ ତଦାରଖ କରୁ ନ ଥିବା କୁହାଯାଉଛି। ତେଣୁ କାର୍ଯ୍ୟ ପୂର୍ଣ୍ଣାଙ୍ଗରେ ବିଳମ୍ବ ହେଉଛି। ଠିକାଦାର କମ୍ପାନୀର ଜଣେ କର୍ମଚାରୀ କହିଛନ୍ତି, କରୋନା ଯୋଗୁ ଶ୍ରମିକମାନେ କାମକୁ ଠିକ୍ ଭାବେ ଆସୁ ନ ଥିଲେ। ଅନ୍ୟପଟେ ନଦୀରେ ବାରମ୍ବାର ପାଣି ଆସୁଥିବାରୁ କାମ କରିବାରେ ଅସୁବିଧା ହେଉଛି। ତେଣୁ ଠିକ୍ ସମୟରେ ଶେଷ ହେବାରେ ବାଧା ଉପୁଜିଛି । ତଥାପି ୨୦୨୩ ମାର୍ଚ୍ଚ ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ତ୍ରିଲୋଚନ ନାହାକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ବଢ଼ାଯାଇଛି। ଏହି ସମୟ ମଧ୍ୟରେ କାମ ପୂର୍ଣ୍ଣାଙ୍ଗ ନ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

## ବିଜେଡି ଏମ୍‌ସିଏ, ଇଞ୍ଜିନିୟର ଛାତ୍ରଙ୍କୁ ପ୍ରାର୍ଥୀ କଲା

ଭଞ୍ଜନଗର,୨୨।୧(ଡି.ଏନ.ଏ.)



ଜିତେନ୍ଦ୍ର କେଶରୀ ଆରୁଖ

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ବିଜେଡି ଯୁବନେତା ତଥା ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ଚଳିତ ନିର୍ବାଚନରେ ୫୧ ନମ୍ବର ଜିଲା ପରିଷଦ ଜୋନ୍‌ରୁ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ଜିତେନ୍ଦ୍ର ଏମ୍‌ସିଏ ଛାତ୍ର ହୋଇଥିବା ବେଳେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସେ ସାନ ଭାଇ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିତେନ୍ଦ୍ର ବାଉଁଶଲୁଣ୍ଠି ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ସର୍ବସମ୍ମତିକ୍ରମେ ବ୍ଲକ ଉପାଧ୍ୟକ୍ଷ ହୋଇଥିଲେ। ଦଳୀୟ କର୍ମୀଙ୍କ ଅନୁରୋଧ ଏବଂ ପ୍ରାର୍ଥୀ ଚୟନ କମିଟିଙ୍କ ନିଷ୍ପତ୍ତି କ୍ରମେ ଜିତେନ୍ଦ୍ର ଚଳିତ ନିର୍ବାଚନରେ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଠି ପଞ୍ଚାୟତର ବିଜେଡି ସରପଞ୍ଚ ପ୍ରାର୍ଥୀ ଇଂ.ଲିଙ୍ଗରାଜ ପ୍ରଧାନ ଜଣେ ବିଟେକ୍ ଛାତ୍ର ହୋଇଥିବା ବେଳେ ସେ ଭଞ୍ଜନଗର ଅଞ୍ଚଳର ଜଣେ କ୍ଷୁଦ୍ର ଶିଳ୍ପପତି ଭାବେ ଜଣାଶୁଣା। ଭାଜପା ମଧ୍ୟ ଏମ୍‌ବିଏ ଛାତ୍ରୀ ସସ୍ମିତା ବେହେରାଙ୍କୁ ଜୋନ୍ ନମ୍ବର ୫୦ରୁ ପ୍ରାର୍ଥୀ କରିଛି ବୋଲି ଭାଜପା ଜିଲା ଉପ ସଭାପତି ସନ୍ତୋଷ ତିଆଡ଼ି ସୂଚନା ଦେଇଛନ୍ତି ।

# ପୂର୍ବତନ ଯନ୍ତ୍ରୀଙ୍କୁ ଜେଲଦଣ୍ଡ

ବ୍ରହ୍ମପୁର ଅଫିସ,୨୨।୧

## ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଶନିବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଦିଗପହଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ତ୍ରିନାଥ ସେଠୀଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୪ମାସ ଜେଲଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି ବୋଲି ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ବର୍ତ୍ତମାନ କନିଷ୍ଠ ଯନ୍ତ୍ରୀ ତ୍ରିନାଥ ସେଠୀ ଅବସର ଗ୍ରହଣ କରିସାରିଥିବା ଜଣାପଡିଛି।

ପ୍ରକାଶ ଯେ, କବିସୂର୍ଯ୍ୟନଗରର ଠିକାଦାର ଲିଙ୍ଗରାଜ ସ୍ୱାଇଁ ଦିଗପହଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏକ ରାସ୍ତା କାମ ନେଇଥିଲେ। କଇଠଖଣ୍ଡିଠାରୁ ଉଜଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ କାମ ପାଇଁ ୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ନିର୍ମାଣ କାମ ସରିବା ପରେ ଠିକାଦାର ପାଇବାକୁ ଥିବା ୫୦ହଜାର ଟଙ୍କାର ଫାଇନାଲ ବିଲ୍ ପାସ୍ ପାଇଁ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କୁ ୯ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଯୋଜନା ଅନୁଯାୟୀ, ୨୦୦୭ ମାର୍ଚ୍ଚ ୩୧ରେ ଯନ୍ତ୍ରୀ ତ୍ରିନାଥ ଠିକାଦାର ଲିଙ୍ଗରାଜଙ୍କୁ ବ୍ରହ୍ମପୁରରେ ଥିବା ତାଙ୍କ ଅଫିସ ଚାମ୍ବରକୁ ଡାକି ୯ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଭିଜିଲାନ୍ସ ଟିମ୍ ସେଠାରେ ଚଢ଼ାଉ କରି ତ୍ରିନାଥଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୦୪/୦୭ ରେ ଯନ୍ତ୍ରୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ଆସିଥିଲେ। ଭିଜିଲାନ୍ସ ବିଭାଗର ତତ୍କାଳୀନ ତଦନ୍ତକାରୀ ଅଧିକାରୀ ବି.ଏମ୍. ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ଅଭିଯୁକ୍ତ ଯନ୍ତ୍ରୀ ତ୍ରିନାଥଙ୍କୁ କୋର୍ଟରେ ହଜାର କରାଯାଇଥିଲା। ୧୧ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୩ ଗିରଫ
### ୩ ଖଣ୍ଡା, ଲୁହାରଡ୍, କଟର୍ ଜବତ

ବ୍ରହ୍ମପୁର ଅଫିସ,୨୨।୧



ଗିରଫ ଅଭିଯୁକ୍ତ

ବ୍ରହ୍ମପୁର ସଦର ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିଛି। ପୋଲିସ ଘଟଣାସ୍ଥଳରୁ ୩ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବଉଳଖୋଲିର ଏସ୍. ରମେଶ, ବାଉରୀ ସୁକୁଣ୍ଡାର କେ. ପ୍ରକାଶ, ବାଳକୃଷ୍ଣପୁରର ଟି. ରମା। ଏମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଲୁହାରଡ଼, ଲୁହାଛଡ଼ କାଟିବା ବ୍ଲେଡ୍ ଆଦି ଜବତ ହୋଇଛି। ଅଧିକ ଜେରା ପରେ ଏମାନେ ଗତ କିଛିଦିନ ତଳେ ଦକ୍ଷିଣପୁର ଗ୍ରାମସ୍ଥିତ ତ୍ରିଶକ୍ତି ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଛନ୍ତି। ଏମାନଙ୍କ ନିକଟରୁ ୪ଟି ରୁପା ମୁକୁଟ ଓ ମା'ଙ୍କ ଦୁଇଟି ରୁପା ଜିଭ ଜବତ କରାଯାଇଛି। ନଂ. ୨୫/୨୨ରେ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କିଛି ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ଖବର ମିଳିଥିଲା। ସେ ନେଇ ପୋଲିସ ଟିମ୍ ପାତ୍ର ଫାର୍ମ ହାଉସରେ ଚଢ଼ାଉ କରି ୩ଜଣଙ୍କୁ ପୋଲିସ କାବୁ କରିଥିଲା। ଅଭିଯୁକ୍ତମାନେ ବ୍ରହ୍ମପୁର-ଦିଗପହଣ୍ଡି ରୋଡ୍‌ରେ ଥିବା ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରୁଥିଲେ ବୋଲି ଜେରା ବେଳେ କହିଥିଲେ।

## ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

ଗୋପାଳପୁର,୨୨।୧(ଡି.ଏନ.ଏ.)

ଗୋଳନ୍ଥରା ରେଳଷ୍ଟେଶନ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଶନିବାର ବ୍ରହ୍ମପୁର ଜିଆରପି ପୋଲିସ ଠାବ କରିଛି। କୌଣସି କାରଣବଶତଃ ଅଜଣା ବ୍ୟକ୍ତି ଜଣକ ଗୋଳନ୍ଥରା ରେଳଷ୍ଟେଶନ ନିକଟରେ ଟ୍ରେନରୁ ଖସି ପଡ଼ିଯାଇଥିଲେ। ପୂର୍ବାହ୍ନରେ ଗ୍ୟାଙ୍ଗମ୍ୟାନ ପାଟ୍ରୋଲିଂ କରୁଥିବା ବେଳେ ମୃତଦେହ ଦେଖିବାକୁ ପାଇଥିଲେ। ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଏନେଇ ନଂ. ୫/୨୨ରେ ମାମଲା ରୁଜୁ ହୋଇଛି ।

## ଅଟୋରୁ ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୨୨।୧ (ଡି.ଏନ.ଏ.)

୧୬ନଂ. ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ନିକଟସ୍ଥ ରସ ଫ୍ୟାକ୍ଟ୍ରି ନିକଟରେ ଜନୈକ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ କନିଷି ହାଟ ଗ୍ରାମର ବସନ୍ତ ସାହୁ। ହିଞ୍ଜିଳି ଥାନା ଅନ୍ତର୍ଗତ ବେଲଗାଁର ବସନ୍ତ ଗତ ୬ ବର୍ଷ ହେଲା କନିଷି ହାଟରେ ଏକ ଘର ଭଡ଼ା ନେଇ ରହୁଥିଲେ। ଏକ ଅଟୋକୁ ବସନ୍ତ ଶୁକ୍ରବାର ଧରି ଘରୁ ବାହାରିଥିଲେ ମଧ୍ୟ ରାତିରେ ସେ ଫେରିନଥିଲେ। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ରସ ଫ୍ୟାକ୍ଟ୍ରି ନିକଟରେ ଅଟୋ ଭିତରେ ତାଙ୍କ ମୃତଦେହ ବସିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ତାଙ୍କ ଦେହ ଓ ମୁହଁରେ କିଛ ଦାଗ ଚିହ୍ନ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

## ଯାଞ୍ଚରେ ସମସ୍ତ ପ୍ରାର୍ଥିପତ୍ର କାଏମ

ଗଞ୍ଜାମ,୨୨।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶନିବାର ଯାଞ୍ଚ ପ୍ରକ୍ରିୟାରେ ସମସ୍ତ ପାର୍ଥିପତ୍ର ଗୁଡିକ କାଏମ ରହିଥିବା ଗଞ୍ଜାମ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବ୍ଲକର ୧୫ ଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପାଇଁ ସର୍ବମୋଟ ୪୦୪ ପାର୍ଥିପତ୍ର ଦାଖଲ କରାଯାଇଥିଲା। ସରପଞ୍ଚ ୫୮, ସମିତିସଭ୍ୟ ୪୨ ଓ ୱାର୍ଡସଭ୍ୟ ୩୦୪ ଜଣ ପାର୍ଥି ଓ ପାର୍ଥିନୀଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ଜଣାପଡିଛି।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

### ପଠାଣି ସାମନ୍ତ ଗଣିତ ମେଧା ପରୀକ୍ଷା

ବ୍ରହ୍ମପୁର ଅଫିସ,୨୨।୧

ଷଷ୍ଠ ଓ ନବମ ଶ୍ରେଣୀ ପଠାଣୀ ସାମନ୍ତ ଗଣିତ ମେଧା ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ପଠାଣୀ ସାମନ୍ତ ଗଣିତ ମେଧା ପରୀକ୍ଷା ଫଳାଫଳରେ ବ୍ରହ୍ମପୁର ମହାନଗରର ମୋଟ ୧୬ଟି ର୍‍ୟାଙ୍କ ମଧ୍ୟରୁ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୧ମ ର୍‍ୟାଙ୍କ ସହିତ ମୋଟ ୧୧ଛାତ୍ରୀଛାତ୍ର ର୍‍ୟାଙ୍କ ରଖିଛନ୍ତି। ସେମାନେ ହେଲେ ୧ମ ର୍‍ୟାଙ୍କରେ ବିଶ୍ୱଜିତ ପାତ୍ର, ୨ୟ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଶୁଭମ ପାଣିଗ୍ରାହୀ, ୪ର୍ଥ ପ୍ରିୟ ରଞ୍ଜନ ପଣ୍ଡା, ୬ଷ୍ଠ ଓମ୍‌କାର ପ୍ରସାଦ ରଥ, ୯ମ ପ୍ରିତିରାଣୀ ଭୟାଁ ଓ ହରିପ୍ରିୟା ସାହୁ, ୧୨ତମ ଆୟୁଷ କାନ୍ତ ରଥ, ୧୩ତମ ର୍‍ୟାଙ୍କ ଅର୍ପିତା ଆଚାର୍ଯ୍ୟ ଓ ଶୁଭଶ୍ରୀ ସାହୁ ଏବଂ ୧୫ତମ ର୍‍ୟାଙ୍କର ନୀହାର ରଞ୍ଜନ ପାଣି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ମହାନଗରର ମୋଟ ୧୪ ର୍‍ୟାଙ୍କ ମଧ୍ୟରୁ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୧ମ ର୍‍ୟାଙ୍କ ସହିତ ମୋଟ ୫ ଛାତ୍ରୀଛାତ୍ର ର୍‍ୟାଙ୍କ ରଖିଛନ୍ତି। ଓଡିଶାରେ ରେକର୍ଡ ସୃଷ୍ଟିକରି ୧୦୦% ନମ୍ବର ରଖି ୧ମ ର୍‍ୟାଙ୍କ ଶାଶ୍ୱତ ସାହୁ, ୨ୟ ଗୌରୀ ପଣ୍ଡା, ୫ମ ସୌରଭ ମହାନ୍ତି, ୧୩ତମ ର୍‍ୟାଙ୍କ ପ୍ରୀତିନନ୍ଦା ପ୍ରିୟଦର୍ଶିନୀ ସ୍ୱାଇଁ ଓ ଦୀପକ କୁମାର ନାୟକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ନୀଳକଣ୍ଠ ସାହୁ, ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବ୍ରହ୍ମପୁର ଟ୍ରକ୍ ମାଲିକ ସଂଘର ଅଧିବେଶନ

ବ୍ରହ୍ମପୁର ଅଫିସ,୨୨।୧

### ଜଗନ୍ନାଥପୁରରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି





ଟ୍ରକ ମାଲିକ ସଂଘର ଅଧିବେଶନରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଟ୍ରକ ମାଲିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାନଗର ଉପକଣ୍ଠ ଜଗନ୍ନାଥପୁର ଛକ ପାଖ ଫ୍ଲାଏ ଓଭରବ୍ରିଜ ସରକାର ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଅପରପକ୍ଷରେ ଜାତୀୟ ରାଜପଥରେ ପ୍ରତିଦିନ ଶହ ଶହ ମାଲ ବୋଝେଇ ଟ୍ରକ ଚଳାଚଳ କରୁଥିବାରୁ ପୋକଡ଼ିବନ୍ଧ ନିକଟରେ ପାର୍କିଂ ବ୍ୟବସ୍ଥା ପ୍ରସ୍ତାବ ଦିଆଯାଇଛି। ଅଧିବେଶନରେ ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏକାଧିକ ଟ୍ରକ ମାଲିକ ସଂଘ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସଂଘ ସଭାପତି କାମନା ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ବିଜେଡି ରଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଓ ଗଞ୍ଜାମ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରକ ମାଲିକମାନଙ୍କୁ ବିଭିନ୍ନ ଭାବରେ ପୋଲିସ ଓ ପରିବହନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ମନଇଚ୍ଛା ଶୋଷଣ କରୁଥିବାରୁ ସମାଲୋଚନା କରାଯାଇଥିଲା। ସମ୍ପାଦକ ଅଜିତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ହୋଇଥିବା କାର୍ଯ୍ୟକ୍ରମରେ ଉପସଭାପତି ସତ୍ୟବାନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରାଜେଶ କୁମାର ପାଢ଼ୀ, କୋଷାଧ୍ୟକ୍ଷ ଭାଗୀରଥି ପାଢ଼ୀ ଉପସ୍ଥିତ ଥିଲେ। ଉପଦେଷ୍ଟା ପ୍ରଦୀପ କୁମାର ପାଢ଼ୀଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ବିଭିନ୍ନ ପ୍ରସଙ୍ଗ ଉଠାଇ ଥିଲେ। ଅପରପକ୍ଷରେ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ୨୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ପୁରୁଷୋତ୍ତମପୁର,୨୨।୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ୨୪ କେଜି ୯୮ ଗ୍ରାମ ଗଞ୍ଜେଇ ସହ ଏକ ସ୍କୁଟି ଜବତ କରିଛି। ଏହି ଘଟଣାରେ ଶନିବାର ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମର ଜିତେନ୍ଦ୍ର ବେହେରା (୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଖବରଦାତା ସମ୍ମିଳନୀରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପୀୟୂଷ ରଞ୍ଜନ ଛୋଟରାୟ କହିଛନ୍ତି ଯେ, ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଥାନା ଅନ୍ତର୍ଗତ ବକ୍ସିପଲ୍ଲୀ ଗ୍ରାମ ନିକଟରେ ସ୍କୁଟିରେ ଅଭିଯୁକ୍ତ ଗଞ୍ଜେଇ ଧରି ଯାଉଥିବା ବେଳେ ଧରାପଡ଼ିଥିଲେ।

# ଉଚ୍ଚ ନ୍ୟାୟାଳୟ ରାୟ କାର୍ଯ୍ୟକାରୀ ଦାବି

ବ୍ରହ୍ମପୁର ଅଫିସ୍,୨୨।୧

## ସହରତଳି ଅଞ୍ଚଳ ବିଏମ୍‌ସିରେ ସାମିଲ ପ୍ରସଙ୍ଗ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କମିଟିର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର ମହାନଗର ସନ୍ନିକଟ ଅଞ୍ଚଳ ତଥା ପାର୍ଶ୍ୱବର୍ତ୍ତୀ ୧୮ ପଞ୍ଚାୟତକୁ ସାମିଲ କରି ଏକ ପୂର୍ଣ୍ଣାଙ୍ଗ ଓ ବୃହତ୍ତର ମହାନଗର ଗଠନ କରିବାକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦୀର୍ଘ ଦିନରୁ ଦାବି କରିଆସୁଛି। ଏ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ରିଟ୍ ଦାଖଲ କରାଯାଇଥିଲା। ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟର ରାୟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କମିଟି ପକ୍ଷରୁ ଶନିବାର ଗେଟ୍ ବଜାର ଏନ୍‌ଜିଓ ହଲ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ହୋଇଛି।

କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ହରିହର ନାୟକ ଓ ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ରଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ରିଟ୍ ଦାୟର କରାଯାଇଥିଲା। ବିଚାରପତି ବିଶ୍ୱନାଥ ରଥ ଏହାର ବିଚାର କରିଥିଲେ। ଏଥିପୂର୍ବରୁ ଗଞ୍ଜାମ ଜିଲାପାଳଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ନିକଟକୁ କୁକୁଡାଖଣ୍ଡି ବ୍ଲକ ଲୋଚାପଡା ପଞ୍ଚାୟତ ଓ ରଙ୍ଗେଇଲୁଣ୍ଡା ବ୍ଲକ ବଡ କୁଶସ୍ଥଳୀ ପଞ୍ଚାୟତର ସାନ କୁଶସ୍ଥଳୀ ଗ୍ରାମ ଏବଂ ଗଉଞ୍ଜୁ ପଞ୍ଚାୟତର ବ୍ରାହ୍ମଣପଲୀ ଗ୍ରାମ ଓ ଗୋଳାବନ୍ଧ ପଞ୍ଚାୟତର ଗୋଳାବନ୍ଧ ଆର୍ମି ଟ୍ରେନିଂ ସ୍କୁଲକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନେଇ ରେଗୁଲେଶନ ପାସ୍ କରି ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। ବର୍ତ୍ତମାନ ୩ ମାସ ମଧ୍ୟରେ ରେଗୁଲେଶନ ପାସ୍ କରିଥିବା ପଞ୍ଚାୟତ ଓ ଗ୍ରାମକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପ୍ରକ୍ରିୟା ସାରିବା ପାଇଁ ପୌର ପ୍ରଶାସକ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା କମିଟି ପକ୍ଷରୁ କୁହାଯାଇଛି। ଏଣୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରକାରେ ସରକାର ଉପରୋକ୍ତ ଅଞ୍ଚଳଗୁଡ଼ିକରେ ନିର୍ବାଚନ ବନ୍ଦ କରି ତୁରନ୍ତ ବିଏମ୍‌ସିରେ ସାମିଲ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବା ପାଇଁ କମିଟି ଦାବି କରିଛି। ତେବେ ଉଚ୍ଚ ନ୍ୟାୟାଳୟର ରାୟ ଅନୁଯାୟୀ ଦାବି ପୂରଣ ନ ହେଲେ ବ୍ୟକ୍ତିଗତ ଭାବେ ପୃଥକ ପୃଥକ ରିଟ୍ ଦାଖଲ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି

ପାତ୍ରପୁର,୨୨।୧(ଡି.ଏନ୍.ଏ.)

ଜରଡ଼ା ଥାନା ଅଧୀନ ସାରଥି ମନ୍ଦିର ହୁଣ୍ଡି ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଶନିବାର ସକାଳ ଏହା ଜଣାପଡିବା ପରେ ବଡ଼ପଣ୍ଡା ପରିଚାଳକ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରି କରାଯାଇଛି। ପୂର୍ବରୁ ଏଭଳି ଘଟଣା ଘଟିଥିବା ବେଳେ ମନ୍ଦିର ପରିସରରେ ରାତ୍ର ଜଗୁଆଳି ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

WANTED
SALES ENGINEER for Mechanical Equipment Selling.
Qualification: Diploma/B.Tech., Experience: 0 - 2 Years, Job Location: Odisha.
Email: supraenggc@gmail.com
Contact No.: 8297555565

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
Corrigendum to Notice Inviting Tender (NIT)
Tender Notice No. TPWODL/MK/O/SER/079/Corrigendum/ 002
Rate Contract for General Civil Works under Various Circles at TPWODL area.
The time period is hereby extended for Submission of Tender Participation Fee and Authorization Letter through e-mail till 28th January 2022, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

## ସଂକ୍ଷେପରେ

### ଖାଣ୍ଡବାରେ ଆନ୍ଧ୍ର ଅଜଣା ବ୍ୟକ୍ତିଙ୍କ ଅନୁପ୍ରବେଶ

କାଶୀନଗର,୨୨।୧:ଗତ କିଛିଦିନ ହେଲା ଆନ୍ଧ୍ରପ୍ରଦେଶର ବିଭିନ୍ନ ଉପାନ୍ତ ଓ ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ବେଆଇନ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଶନିବାର କାଶୀନଗର ଥାନା ଅଞ୍ଚଳର ଖାଣ୍ଡବ ଗ୍ରାମରେ ଆନ୍ଧ୍ରପ୍ରଦେଶର କେତେକ ବ୍ୟକ୍ତି ପହଞ୍ଚି ନିର୍ବାଚନ ତଥ୍ୟ ସଂଗ୍ରହ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ସନ୍ଦେହରେ କାଶୀନଗର ଥାନାକୁ ଖବର କରିଥିଲେ। ଏହି ଅଜଣା ବ୍ୟକ୍ତିମାନେ ନିଜକୁ ଖବରଦାତାର ପରିଚୟ ଦେଇ ବିଭିନ୍ନ କାର୍ଯ୍ୟ ଅନୁସନ୍ଧାନ କରିବାକୁ ଆସିଥିବା କହିଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଜେରା କରିବା ପରେ ତାଙ୍କର କୌଣସି ସାମ୍ବାଦିକ ପରିଚୟ ପତ୍ର ପାଇନଥିଲା। ପରେ ସେହି ବ୍ୟକ୍ତିମାନଙ୍କ ଆଧାର ପରିଚୟ ଓ ନାମ ଲେଖି ସେମାନଙ୍କୁ ଟ୍ରେନ୍ ଯୋଗେ ପଠାଇ ଦେଇଥିଲେ।

### ଓଡ଼ିଶା ମୋଟର ଚାଳକ ସଂଘର ସାଙ୍ଗଠନିକ ବୈଠକ

ରମ୍ଭା,୨୨।୧- ଓଡ଼ିଶା ମୋଟର ଚାଳକ ସଂଘ, ଗଞ୍ଜାମ ଜିଲା ରମ୍ଭା ଶାଖା ପକ୍ଷରୁ ସରକାରଙ୍କ କୋଭିଡ୍ ନିୟମାନୁସାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରମ୍ଭା ଶାଖାର ନୂତନ ଭାବେ ଚୟନ କରାଯାଇଥିବା ସଭାପତି କାମେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ମୋଟରଚାଳକ ସଂଘର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ତତ୍ ସଙ୍ଗେ ସଙ୍ଗେ ଗଞ୍ଜାମ ଜିଲାର ସମ୍ପାଦକ ଦେବଦତ୍ତ ଡାକୁଆ, ଜିଲା ସଭାପତି ସୀମାଞ୍ଚଳ ବେହେରା, ଜିଲା ସାଙ୍ଗଠନିକ ସମ୍ପାଦକ ବିଜୟ କୁମାର ମିଶ୍ର, ଜିଲା ୪ ନମ୍ବର ଜୋନ ଉପସଭାପତି ଗୋପାଳ କୃଷ୍ଣ ସାହୁ, ୫ ନମ୍ବର ଜୋନ ଉପସଭାପତି ପୁରୁଷୋତ୍ତମ ପ୍ରଧାନ, ଏ. ଭୀମ ରେଡ୍ଡୀ ଜିଲା ଶାଖାର ସଭାପତି, ପୋଲସରା ସଭାପତି ଗୋଲଖି ବିହାରୀ ସ୍ୱାଇଁ, ଛତ୍ରପୁର ସଭାପତି ଏ.ସୂର୍ଯ୍ୟମଣି ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସୀନ ବ୍ୟକ୍ତିମାନଙ୍କ ଦ୍ୱାରା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ମାନପତ୍ର ରମ୍ଭା ଶାଖାକୁ ପ୍ରଦାନ କରାଯାଇଥିଲା। ଏହି ସଂଘରେ ମୋଟ ୬୨ ଜଣ ସଦସ୍ୟ ଅଛନ୍ତି।

### ପଞ୍ଚାୟତ ନିର୍ବାଚନ: ଭ୍ୟାନ୍ ନାହିଁ, ପୋଲିସ ପାଟ୍ରୋଲିଂ ଚିନ୍ତା

ଚିକିଟି,୨୨।୧(ଡି.ଏନ୍.ଏ.):ଆସନ୍ତା ଫେବୃୟାରୀ ମାସରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଶୁକ୍ରବାର ଏଥିପାଇଁ ନାମାଙ୍କନପତ୍ର ଦାଖଲ ସରିଛି। ବର୍ତ୍ତମାନ କେ.ନୂଆଗାଁ ଥାନା ଅଧୀନ ନୂଆପଡା ଫାଣ୍ଡି ଅଧୀନରେ ଥିବା ଚିକିଟି ଓ ଦିଗପହଣ୍ଡି ବ୍ଲକ୍ ଅଧୀନ ୯ ପଞ୍ଚାୟତର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଗ୍ରାମ ରହିଛି। ପ୍ରାୟ ଅଧିକାଂଶ ଗ୍ରାମରେ ଏହାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ଛକାପଞ୍ଝା ଆରମ୍ଭ ହୋଇଗଲାଣି। ଏହି ସମୟରେ ପୋଲିସ୍ ପକ୍ଷରୁ ଦିନ ଓ ରାତି ପାଟ୍ରୋଲିଂର ଆବଶ୍ୟକତା ରହିଥିବା ବେଳେ ନୂଆପଡା ଫାଣ୍ଡି ପାଇଁ ଭ୍ୟାନ ନାହିଁ। ଦୀର୍ଘ ଦିନ ଧରି ଦିଆଯାଇଥିବା ଭ୍ୟାନଟିକୁ ମରାମତି କରିବା ଉଦ୍ଦେଶ୍ୟରେ ଦୀର୍ଘ ୧ମାସ ଧରି ନିଆଯାଇଥିଲେ ମଧ ନା ମରାମତି ହୋଇ ଦିଆଯାଇଛି ନା ନୂତନ ଭ୍ୟାନ ଦିଆଯାଇପାରିଛି। ଏହାର ସୁଯୋଗରେ ନୂଆପଡ଼ା ଫାଣ୍ଡି ଇଲାକାରେ ଚୋରି, ରାହାଜାନି ଏବଂ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ନୂଆପଡା ଫାଣ୍ଡି ଅଧିକାରୀ ରାମଶଙ୍କର ବେହେରାଙ୍କ ସହ ଯୋଗାଯୋଗ ବେଳେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଅଳ୍ପ ଦିନରେ ଗୋଟିଏ ଗାଡି ଦିଆଯିବ ବୋଲି କହିଛନ୍ତି।

### ଅବକାରୀ ଚଢ଼ାଉ, ୫ ଗିରଫ

ରାୟଗଡ଼ା ଅଫିସ, ୨୨।୧- ରାୟଗଡ଼ା ଅବକାରୀ ଅଧୀକ୍ଷକ ନିନା ବେଉରାଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ସଦର ମହକୁମାରୁ ଅଫିସର ଇନଚାର୍ଜ ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ କାଶୀପୁରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଉପେନ୍ଦ୍ର ଦୟାବତି ନାଏକ, ବାଳକୃଷ୍ଣ ସାହୁ, ସାନିୟ ଝଡ଼ିଆ, ସାବିତ୍ରୀ ପ୍ରଧାନ, ଗୌରୀ ସାହୁଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ କାଶୀପୁର ଥାନା ଭାରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ। ବ୍ଲକର ଆମର ସିଙ୍ଗଗୁଡ଼ା, ସାନମାଲିଗାଁ, ରେଙ୍ଗା, ପାଣ୍ଡପଡ଼ା,ପୁଡ଼ବନ୍ଧ ,ବଡ଼ମାରିଭଟା ଗ୍ରାମରେ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ସେଠାରୁ ଚୋରାମଦ, ପୋଚ ଓ ରନ୍ଧା ମଦ ଜବତ କରାଯାଇଛି। ୭୭୦ଲିଟର ପୋଚ ନଷ୍ଟ କରାଯାଇଛି।

# ଯନ୍ତ୍ର ବଦଳରେ ହାତରେ ଧାନର ମାନ ପରୀକ୍ଷା

ଭଞ୍ଜନଗର,୨୨।୧(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡରେ ଅଧିକାଂଶ ସ୍ଥାନରେ କାଗଜ କଲମରେ ମଣ୍ଡି ଖୋଲିଛି। ସୋସାଇଟି ଗୁଡ଼ିକରେ ମଣ୍ଡି ଖୋଲା ହୋଇନଥିବାରୁ ଚାଷୀମାନେ ମଣ୍ଡି ବଦଳରେ ସିଧା ମିଲରଙ୍କ ପାଖରେ ନେଇ ଧାନ ଦେଉଛନ୍ତି। ଅନ୍ୟପଟେ ମିଲରମାନେ ମଧ ଚାଷୀଙ୍କୁ ଶୋଷିବାରେ ଲାଗିଛନ୍ତି। ଚାଷୀମାନେ ଧାନ ବିକ୍ରି କରିବାକୁ ଗଲେ ମିଲର ଅଧିକାଂଶ ଧାନକୁ ନିମ୍ନମାନର ଦର୍ଶାଇ କିଣୁ ନାହାନ୍ତି। ୧୦୦୧ ଭଳି ଅନେକ କିସମର ଧାନ କିଛି ମିଲର ନେଉନାହାନ୍ତି। ମଣ୍ଡି ଖୋଲା ହୋଇନଥିବାରୁ ମିଲରମାନେ ଧାନ କିଣିବା ସମୟରେ ଯନ୍ତ୍ର ବଦଳରେ ହାତରେ ଧାନର ମାନ ପରୀକ୍ଷା କରୁଛନ୍ତି । ଫଳରେ କେଉଁ ଧାନ ବିକ୍ରି ପାଇଁ ଯୋଗ୍ୟ କେଉଁଟା ଉପଯୁକ୍ତ ନୁହେଁ, ତାହା ଚାଷୀଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡୁଛି। ଚଳିତ ବର୍ଷ ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ବ୍ୟାପକ ଫସଲ କ୍ଷତି ସହିଥିବା ବେଳେ ମିଲରମାନଙ୍କ ନିର୍ଯାତନାରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ସୋସାଇଟିଗୁଡ଼ିକ ପକ୍ଷରୁ ମଧ ଚାଷୀଙ୍କ ଧାନର ମାନ ପରୀକ୍ଷା ବ୍ୟବସ୍ଥା କରାଯାଉନାହିଁ। ଯେଉଁଥି ପାଇଁ ଏହି ସମସ୍ୟା ଉପୁଜିଛି। ଏହିଭଳି ପରିସ୍ଥିତିରେ ଶୁକ୍ରବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ସୋସାଇଟି କର୍ମଚାରୀମାନଙ୍କୁ ଧାନର ମାନ ପରୀକ୍ଷା ପାଇଁ ତାଲିମ ଦିଆଯାଇଛି। ସମ୍ପାଦକ ଦୀନବନ୍ଧୁ ଗୌଡ଼ଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ବଡ଼କୋଦଣ୍ଡା ଛକ ନିକଟରେ ଥିବା ଏକ ମିଲର ମାଲିକ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅଛି, ୧୦୦୧ ଧାନ ନ କିଣିବା ପାଇଁ। ତେଣୁ



କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି ।

**ମିଲର ନେଉନାହାନ୍ତି ଧାନ**

ଉକ୍ତ ଧାନ ନେଉନାହୁଁ। ଯେଉଁ ଧାନର ମାନ ଠିକ୍ ଅଛି ତାକୁ କିଣୁଛୁ। ବଳକା ଧାନ ବାଧ ହୋଇ ଫେରାଇ ଦେଉଛୁ। ଧାନରେ ମାଟି, ବାଲି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ ୧ ପ୍ରତିଶତ, କାଠି କୁଟା ଅଗାଡ଼ି ଜୈବିକ ପଦାର୍ଥ ୧ ପ୍ରତିଶତ, ପାଣିଫୁଲା, ପୋକ ୫ ପ୍ରତିଶତ, ସବୁଜ, ବଙ୍କା ବା ସଙ୍କୁଚିତ ଧାନ ୩ ପ୍ରତିଶତ ଏବଂ ଆଦ୍ରତା ବା ଜଳୀୟ ଅଂଶ ୧୭ ପ୍ରତିଶତ ତଳକୁ ଥିଲେ ତାହା ବିକ୍ରି ପାଇଁ ଯୋଗ୍ୟ ବୋଲି ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ଦୀନବନ୍ଧୁ ଗୌଡ଼ କହିଛନ୍ତି । ସୋସାଇଟି ସମ୍ପାଦକମାନେ ଲିଖିତ ଅଭିଯୋଗ ଜଣାଇଲେ ଧାନର ମାନ ପରୀକ୍ଷା କରାଯାଇଥାଏ । ୧୦୦୧ ଏକ ଧାନ ନ କିଣିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ ବୋଲି ଉପଖଣ୍ଡ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ସୂଚନା ଦେଇଛନ୍ତି। ଯଦି କୌଣସି ମିଲର ଜାଣିଶୁଣି ଚାଷୀଙ୍କୁ ହଇରାଣ କରିବାର ଦୃଷ୍ଟିକୁ ଆସେ ତେବେ ସମ୍ପୃକ୍ତ ମିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଯାଞ୍ଚରେ ନାକଚ ହେଲା ଗଞ୍ଜାମର ୨୯ ନାମାଙ୍କନ

ହିଞ୍ଜିଳିକାଟୁ/ଆସିକା/ଖଲ୍ଲିକୋଟ, ୨୨।୧(ଡି.ଏନ୍.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ହିଞ୍ଜିଳିକାଟୁ ବ୍ଲକରେ ଶନିବାର ଯାଞ୍ଚ ପରେ ୬ ନାମାଙ୍କନ ଖାରଜ ହୋଇଛି। ୩ସମିତି ସଦସ୍ୟ, ୨ସରପଞ୍ଚ ଓ ଗୋଟିଏ ୱାର୍ଡ ସଭ୍ୟ ନାମାଙ୍କନକୁ ଯାଞ୍ଚ ପରେ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି। ଯାଞ୍ଚ ପରେ ହିଞ୍ଜିଳିକାଟୁ ବ୍ଲକର ୨୧ପଞ୍ଚାୟତରୁ ପୋଚିଲିମା ଓ ସାହାପୁରରେ ଗୋଟିଏ ଲେଖାଏ ସରପଞ୍ଚ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ଅଛନ୍ତି। ସେହିପରି ଭାବନ୍ଧ, ଦାରୁଭଦ୍ରା, କଞ୍ଚୁରୁ, ପୁଚିଆପଦର, ସାହାପୁର ଓ ଶିକିରି ପଞ୍ଚାୟତର ସମିତି ସଦସ୍ୟ ପାଇଁ ଗୋଟିଏ ଲେଖାଏ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ରହିଛନ୍ତି। ସଂପ୍ରତି ୧୯ ପଞ୍ଚାୟତରେ ୯୯ ସରପଞ୍ଚ ଓ ୧୫ ପଞ୍ଚାୟତରେ ୬୮ସମିତିସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦୀତାରେ ଅଛନ୍ତି। ଆସିକା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦବୀ ଲାଗି ଦାଖଲ ନାମାଙ୍କନ ମଧ୍ୟରେ ୨୧ ନାମାଙ୍କନ ପତ୍ର ନାକଚ ହୋଇଛି। ୱାର୍ଡ ସଦସ୍ୟଙ୍କ ୬, ସରପଞ୍ଚ ୧୨, ପଞ୍ଚାୟତ ସମିତି ସଦସ୍ୟ ଜଣେ ଏବଂ ୨ଟି ଜିଲାପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି। ଖଲ୍ଲିକୋଟ ବ୍ଲକର ୨୯ ପଞ୍ଚାୟତରେ ୧୦୩ ସମିତିସଭ୍ୟ ନାମାଙ୍କନପତ୍ର ଦାଖଲ ହୋଇଛି। ୨ ଜଣ ସମିତି ସଭ୍ୟଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଛି। ସବୁଠାରୁ ରୋଚକ ବିଷୟ ବିଧାୟିକା ବିରୋଧୀ ଗୋଷ୍ଠୀର ନେତା ତଥା ଦାନପୁର ସରପଞ୍ଚ ମନୋଜ ପ୍ରଧାନ ଥିବା ବେଳେ ସେହି ଦାନପୁର ପଞ୍ଚାୟତରେ ବିଧାୟିକାଙ୍କ ସ୍ୱାମୀ ଦଇତାରୀ ବେହେରା ସମିତିସଭ୍ୟ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବିଧାୟିକାଙ୍କ ବିରୋଧୀ ପକ୍ଷରୁ ପୂର୍ବତନ ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ସଞ୍ଜୟ କୁମାର ସେଠୀ ଉକ୍ତ ପଞ୍ଚାୟତର ସଭ୍ୟପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ

ବୁଗୁଡ଼ା,୨୨।୧(ଡି.ଏନ.ଏ.)

ବୁଗୁଡ଼ା ଥାନା ନଗୁଡୁ ଗ୍ରାମର ଶିବ ମନ୍ଦିର ନିକଟରେ ଜଣେ ଯୁବକ ମଦ ଧରି ଆସୁଥିବା ବେଳେ ଶନିବାର ପୋଲିସ ଗିରଫ କରିଛି। ସେ ହେଲେ ନଗୁଡୁ ଗ୍ରାମର ଜିତୁ ଶତପଥି। ତାଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ ପୋଲିସ ଜବତ କରିଛି। ଏ ନେଇ ବୁଗୁଡ଼ା ଥାନାରେ ନଂ. ୫୩/୨୨ରେ ଏକ ମାମଲା ରୁଜୁ ହେବା ସହ ଜିତୁକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ପର୍ଡ଼ମାହା-ପେତାରବାଡ଼ି, ତେରାବାଡ଼ି ରାସ୍ତା ଶୋଚନୀୟ

ଦାରିଙ୍ଗବାଡ଼ି,୨୨।୧(ଡି.ଏନ୍.ଏ.)

ଗାଁକୁ ସହର ସଂଯୋଗୀକରଣ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ବହୁ ଦୁର୍ଗମ ଗ୍ରାମଠାରୁ ସହରକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଇଛି। ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗଳିକନ୍ଦି ସବୁ ଗ୍ରାମକୁ ଦାରିଙ୍ଗବାଡ଼ି ବ୍ଲକ ହେଡ କ୍ୱାର୍ଟରକୁ ସଂଯୋଗ କରାଯିବା ପାଇଁ ଏହି ଯୋଜନାରେ ରାସ୍ତା କାର୍ଯ୍ୟ କରାଯାଇଛି। ଏବେ ମଧ ଲକ୍ଷାଧିକ ଟଙ୍କା ବିନିମୟରେ ପକ୍କାରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସମ୍ପ୍ରସାରଣ କରାଯାଇଥିବା ରାସ୍ତାମାନଗୁଡ଼ିକର କାର୍ଯ୍ୟ ଶେଷ ହେବା ପରେ ତାକୁ ରକ୍ଷଣାବେକ୍ଷଣ କରିବା ପାଇଁ ମଧ ଅନୁଦାନ ରହିଛି, କିନ୍ତୁ ତାହା କରାଯାଉନଥିବାରୁ ଏବେ ରାସ୍ତାରେ ଯାତାୟାତ ସମସ୍ୟା ଦେଖାଯାଇଛି। ରାସ୍ତାର ପିଚୁ ଏବଂ ଗୋଡ଼ି ଉଠିଯାଇଥିବାରୁ ପର୍ଡ଼ମାହାଠାରୁ ପେତାରବାଡ଼ି ଏବଂ ପର୍ଡ଼ମାହାଠାରୁ ତେରାବାଡ଼ି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ଏକାଧିକ ସ୍ଥାନରେ ଖାଲଖମା ଯୋଗୁ ରାସ୍ତା ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ୍ ଆରୋହୀ। ଭୌଗୋଳିକ ସ୍ଥିତିକୁ ଦେଖିଲେ ଦାରିଙ୍ଗବାଡ଼ି ବ୍ଲକର ଅନେକ ଗାଁକୁ ପହଞ୍ଚିବା ପାଇଁ ହେଲେ ପାହାଡ଼ିଆ ଘାଟିରାସ୍ତା ରହିଛି । ଘାଟି ରାସ୍ତାଗୁଡ଼ିକର ସାଇଡ୍ ୱାଲ ନିର୍ମାଣ ଏବଂ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳରେ ଅନେକ ରାସ୍ତା ଧୋଇଯାଉଛି । ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ପେତାରବାଡ଼ି ସମେତ କେର୍କେବାଡ଼ି, କାଡସପାଟା, ତେରାମାଡ଼ି ଆଦି ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଯେଉଁ ଠିକାସଂସ୍ଥା ଉକ୍ତ କାର୍ଯ୍ୟ କରିଛନ୍ତି, କାର୍ଯ୍ୟ ଶେଷ ପରେ ସେହି ଠିକାସଂସ୍ଥା ପାଞ୍ଚବର୍ଷ ପାଇଁ ରକ୍ଷଣାବେକ୍ଷଣ ବା ମରାମତି କାର୍ଯ୍ୟ କରିବା ନିୟମ ରହିଛି। କିନ୍ତୁ କାର୍ଯ୍ୟ ଶେଷ ହେବାର ଇତିମଧ୍ୟରେ ଦୁଇବର୍ଷ ବିତିବା ସହ ଗତ ଦୁଇବର୍ଷ ଧରି ରାସ୍ତା ମରାମତି କରାଯାଇନାହିଁ। ସେ ଠିକାସଂସ୍ଥାକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏଥିରେ ଖିଲାପ କଲେ ତାହା ଉକ୍ତ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବା ସହ ପୁନର୍ବାର ଉକ୍ତ ଠିକାସଂସ୍ଥାକୁ ମଧ ମରାମତି ପାଇଁ ଚିଠି କରାଯିବ ବୋଲି କହିଛନ୍ତି।



ପର୍ଡ଼ମାହାଠାରୁ ପେତାରବାଡ଼ି ଘାଟିରାସ୍ତାରୁ ପିଚୁ ଉଠିଯାଇ ମରଣଯନ୍ତା ପାଲଟିଛି ।

# ପ୍ରାର୍ଥୀପତ୍ର ଯାଞ୍ଚକୁ ନେଇ ବିଜେଡି -ଭାଜପା ମୁହାଁମୁହିଁ

ଭଞ୍ଜନଗର,୨୨।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଭାଜପା ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ କବିରାଜ ବେହେରାଙ୍କ ପ୍ରାର୍ଥୀପତ୍ରକୁ ନେଇ ଭାଜପା ବିଜେଡି ମୁହାଁମୁହିଁ ପରିସ୍ଥିତିରେ ଅଛନ୍ତି। ଶନିବାର ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ କବିରାଜଙ୍କ ଜାତି ପ୍ରମାଣପତ୍ରକୁ ନେଇ ବିଜେଡି ସମର୍ଥିତ ପ୍ରାର୍ଥୀ ଆପତ୍ତି ଉଠାଇଥିଲେ। ଏହି ସମୟରେ କବିରାଜ ମଧ ପକ୍ଷ ରଖିଥିଲେ। ଏହାପରେ କବିରାଜ ନିଜ ସମର୍ଥକଙ୍କୁ ନେଇ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଉପ ଜିଲାପାଳଙ୍କୁ ଭେଟି ନିଜ ସପକ୍ଷରେ ଯୁକ୍ତି ବାଢିଛନ୍ତି। ରବିବାର ଚୂଡାନ୍ତ ତାଲିକା ପ୍ରକାଶ ପରେ ଜଣା ପଡିବ ନିଷ୍ପତ୍ତି କାହା ସପକ୍ଷରେ ଯାଉଛି। ପ୍ରଶାସନର ନିଷ୍ପତ୍ତିକୁ ଦୁଇ ଦଳ ଅପେକ୍ଷା କରିଛନ୍ତି।



ଭାଜପା ପ୍ରତିନିଧି ମଣ୍ଡଳୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

## ପଞ୍ଚାୟତ ନିର୍ବାଚନ ଗଞ୍ଜାମରେ ୧୫,୯୪୯ ନାମାଙ୍କନ ପତ୍ର ଦାଖଲ

ଛତ୍ରପୁର,୨୨।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ପର୍ବ ସମାପ୍ତ ହୋଇଛି। ଜିଲାରେ ବିଭିନ୍ନ ପଦପଦବୀ ଲାଗି ମୋଟ୍ ୧୫ ହଜାର ୯୪୯ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରେ ୧୧ ହଜାର ୬୫୭ ୱାର୍ଡମେମ୍ବର, ୨୧୯୬ ସରପଞ୍ଚ, ସମିତିସଭ୍ୟ ୧୮୧୦ ଓ ୨୮୬ ଜଣ ଜିଲା ପରିଷଦ ସଭ୍ୟ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଜିଲାରେ ୭୦୯୯ଟି ୱାର୍ଡ, ୫୦୩ ପଞ୍ଚାୟତ ଓ ୬୯ଟି ଜିଲା ପରିଷଦ ଜୋନ୍ ଲାଗି ଏହି ମତଦାନ ହେବ।

## ଘରେ ପଶିବାକୁ ଉଦ୍ୟମ ଅଭିଯୋଗ, ଅଭିଯୁକ୍ତ ଗିରଫ

ବୁଗୁଡ଼ା,୨୨।୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଡେଙ୍ଗାବାଡି ଗ୍ରାମରେ ଗୁରୁବାର ରାତି ଅଧରେ ଅନ୍ୟଜଣକ ଘର କବାଟ ଭାଙ୍ଗି ପଶିବାକୁ ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କ ଶନିବାର କୋର୍ଟ ଚାଲାଣ କିରିଛି। ସେ ହେଲେ ମତାଝରି ଗ୍ରାମର ବଳରାମ ଦାଶ(୩୮)। ବଳରାମ ଡେଙ୍ଗାବାଡି ଗ୍ରାମର ଲଡୁ ଗୌଡ଼ଙ୍କ କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କଲା ବେଳେ ଲଡୁଙ୍କ ପରିବାର ପାଟି କରିଥିଲେ। ପାଟି ଶୁଣି ଗ୍ରାମବାସୀ ପହଞ୍ଚି ବଳରାମକୁ କାବୁ କରିବା ସହ ପୋଲିସକୁ ସୂଚନା ଦେବା ପରେ ଏଏସଆଇ ରାଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣିଥିଲେ। ଲଡୁଙ୍କ ଏତଲା କ୍ରମେ ପୋଲିସ ନଂ.୫୨/୨୨ରେ ଏକ ମାମଲା ରୁଜୁ କରିଛି।

# କବିସୂର୍ଯ୍ୟନଗରରେ ଅଘୋଷିତ ମହାମାୟୀ ଯାତ୍ରା

କବିସୂର୍ଯ୍ୟନଗର,୨୨।୧(ଡି.ଏନ.ଏ.)

କବିସୂର୍ଯ୍ୟନଗରର ଅଧିଷ୍ଠାତ୍ରୀ ଦେବୀ ମା’ ମହାମାୟୀଙ୍କ ଶନିବାର ବ୍ରତ ପାଇଁ ସକାଳୁ ମନ୍ଦିରରେ ପ୍ରବଳ ଭିଡ଼ ସାଙ୍ଗକୁ ମୁଖ୍ୟରାସ୍ତାରୁ ମନ୍ଦିରକୁ ଯିବା ରାସ୍ତାରେ ଜନସମାଗମ ହୋଇଛି। ଖବର ପାଇ ସ୍ଥାନୀୟ ତହସିଲଦାର ମୋନାଲିସା ଆଚାର୍ଜୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ସ୍ୱାସ୍ଥ୍ୟ ନିରୀକ୍ଷକ ଶଶାଙ୍କ ଶେଖର ମହାନ୍ତି, ପୋଲିସ ଅଧିକାରୀ କେ. ନୀଳାଦ୍ରି ରେଡ୍ଡୀ ପହଞ୍ଚି ଭିଡ଼ କମାଇବା ପାଇଁ ମନ୍ଦିର କମିଟି ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ଭିଡ଼ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରୁଥିବା ଯୋଗୁ ମନ୍ଦିର କମିଟି ସଭାପତି ବିଜୟ କୁମାର କହଁର ଶନିବାରଠାରୁ ମନ୍ଦିର ବନ୍ଦ କରାଗଲା ବୋଲି ଭକ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମନ୍ଦିର ନିକଟ ବଜାର ରାସ୍ତାପାର୍ଶ୍ୱ ଦୋକାନ ଉପରେ ଚଢ଼ାଉ କରାଯିବ ବୋଲି ଏଏନ୍ସି ଅଧିକାରୀ କହିଛନ୍ତି। ମହାମାୟୀ ମନ୍ଦିରରେ ପୂଜା ଚାଲିବ କିନ୍ତୁ ଭକ୍ତଙ୍କୁ ମନ୍ଦିର ମନା ବୋଲି ଶନିବାର ଘୋଷଣା କରାଯାଇଛି। ଦୁଇପାର୍ଶ୍ୱରେ ଅସ୍ଥାୟୀ ବେପାରୀ ଏଏନ୍ସି ରୋଡ଼ ଉପରେ ବେପାର ଖୋଲିଦେଇଥିବା ହେତୁ ସମସ୍ୟା ଉତ୍କଟ ହୋଇଛି।

# ୯୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ଗୋପାଳପୁର,୨୨।୧(ଡି.ଏନ.ଏ.)

ଗୋଳନ୍ଥରା ଥାନା ପୋଲିସ ବ୍ଲକିଂ କରୁଥିବା ବେଳେ ଶନିବାର ୧୬ନଂ ଜାତୀୟ ରାଜପଥରେ ଏକ ଗଞ୍ଜେଇ ଭର୍ତ୍ତି କାର୍‌କୁ ଜବତ କରିଛି। ଏହି ଘଟଣାରେ ରାଞ୍ଚି ଅଞ୍ଚଳର ରୋହିତ କୁମାର ଯାଦବ, ସୁରଜ ସିଂଙ୍କୁ ଗିରଫ ରଖାଯାଇଥିବା ବେଳେ ଅନ୍ୟ ଦୁଇଜଣ ଚମ୍ପଟ ମାରିଛନ୍ତି। ଚିକିଟି ଅଞ୍ଚଳରୁ ଏକ କାର ଯୋଗେ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଅଭିମୁଖେ ଚାରିଜଣ ବ୍ୟକ୍ତି ଗଞ୍ଜେଇ ଭର୍ତ୍ତି କରି ଯାଉଥିଲେ। ଏହି ସମୟରେ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଚେକିଂ କରୁଥିବା ବେଳେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ୯୭ କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ନଂ. ୨୪/୨୨ରେ ମାମଲା ରୁଜୁ କରାଯାଇଛି।

# ନିର୍ବାଚନରେ ଶିକ୍ଷିତଙ୍କୁ ଏକାକୀ ପ୍ରାର୍ଥୀ କଲେ ଲୋକେ

ଫୁଲବାଣୀ ଅଫିସ, ୨୨।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ପରେ ଶନିବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଚଳିତ ନିର୍ବାଚନରେ ବହୁ ଶିକ୍ଷିତ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ହେଲେ ଏମିତି ଏକ ପଞ୍ଚାୟତ ଅଛି, ଯେଉଁଠି ଜଣେ ଶିକ୍ଷିତ ବ୍ୟକ୍ତି ପ୍ରାର୍ଥୀ ହେବାରୁ କେହି ତାଙ୍କ ବିପକ୍ଷରେ ନିର୍ବାଚନକୁ ଓହ୍ଲାଇ ନାହାନ୍ତି। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତରେ ଏଭଳି ଦେଖିବାକୁ ମିଳିଛି । ଏହି ପଞ୍ଚାୟତରେ ଏକାକୀ ସମିତି ସଭ୍ୟ ପ୍ରାର୍ଥୀ ଭାବେ ବିରଞ୍ଚି ମଲ୍ଲିକ ନିର୍ବାଚନକୁ ଓହ୍ଲାଇଛନ୍ତି। କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ନିଃସନ୍ଦେହରେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ପଞ୍ଚାୟତର ସମସ୍ତ ୱର୍ଡବାସୀ ସ୍ୱାଗତ କରିଛନ୍ତି। ବିରଞ୍ଚି ଯୁକ୍ତ ୩ ପାସ୍ କରିଛନ୍ତି । ସମାଜସେବା ପ୍ରତି ତାଙ୍କର ଛାତ୍ର ଜୀବନରୁ ଲକ୍ଷ୍ୟ ରହିଥିଲା। ପଢୁଥିବା ବେଳେ ସେ ପ୍ରଥମେ ନେହେରୁ ଯୁବକେନ୍ଦ୍ରର ଫିରିଙ୍ଗିଆ ବ୍ଲକ କୋ-ଅର୍ଡିନେଟର ଥିଲେ। ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ମଧ ବ୍ଲକ କୋ-ଅର୍ଡିନେଟର ଦାୟିତ୍ୱ ତୁଲାଇଥିଲେ। ଏବେ ପ୍ରଥମ ଥର ପାଇଁ ନିର୍ବାଚନକୁ ଓହ୍ଲାଇଛନ୍ତି। ଯେତେବେଳେ ସେ ସମିତି ସଭ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛା କଲେ, ତାଙ୍କୁ ଲୋକେ ବହୁମାତ୍ରାରେ ସମର୍ଥନ କଲେ। ପରିସ୍ଥିତି ଏପରି ହେଲା ଯେ, ରତଙ୍ଗ ପଞ୍ଚାୟତର ୧୩ଟି ୱାର୍ଡରେ ଆଉ କେହି ସମିତି ସଭ୍ୟ ପ୍ରାର୍ଥୀ ହେବାକୁ ଆଗ୍ରହ ପ୍ରକାଶ କଲେନାହିଁ । ଫଳରେ ବିରଞ୍ଚି ନିଜ ୯ନଂ. ୱାର୍ଡ ମାଣ୍ଡ୍ରିପଡାରୁ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ଏବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।



ପଞ୍ଚାୟତବାସୀଙ୍କ ସହ ବିରଞ୍ଚି।

# ଢିଙ୍କିଆ ସଂହତି ଦିବସ ପାଳନ ଅବସରରେ ଜୟପୁରରେ ସିପିଆଇର ବିକ୍ଷୋଭ




ବିକ୍ଷୋଭ ପ୍ରଦର୍ଶନ କରୁଥିବା ସିପିଆଇ କର୍ମକର୍ତ୍ତା।

ଜୟପୁର,୨୨।୧ (ନି.ପ୍ର.)

ଜୟପୁର ମୁଖ୍ୟ ଟ୍ରାଫିକ ଛକ ଏନ୍ ଏଚ୍ – ୨୬ ଉପରେ ଶନିବାର ଜଗତ୍‌ସିଂହପୁର ଢିଙ୍କିଆ ଅଞ୍ଚଳରେ ଚାଲିଥିବା ପୋଲିସ ଆତଙ୍କରାଜ ବିରୋଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲା ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରି ଏହାର ନିନ୍ଦା କରିଛନ୍ତି। ତୁରନ୍ତ ଢିଙ୍କିଆ ଅଞ୍ଚଳରୁ ପୋଲିସ ପ୍ରତ୍ୟାହାର କରିବା, ଜୋର୍ ଜବରଦସ୍ତ ପାନବରଜ ଭାଙ୍ଗି ଜମିରୁ ସାଧାରଣ ଲୋକଙ୍କୁ ବାହାର କରିବା ବନ୍ଦ କରିବା, ଗିରଫ ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବା, ପୋଲିସର ଅମାନୁଷିକ ଆକ୍ରମଣର ଏସ୍‌ଆଇଟି ତଦନ୍ତ କରିବା, ଓଡ଼ିଶାର ବନ୍ଦ କଳ କାରଖାନା ଚାଲୁ କରିବା ପାଇଁ ସିପିଆଇ ଦାବି କରିଛି । ଜମି, ଜଳ ଓ ଜଙ୍ଗଲ ଉପରେ ମଣିଷର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚାର ଦୀର୍ଘକାଳୀନ ସଂଗ୍ରାମ ପ୍ରେରଣା ଦେଇଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ଜିଲା ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବନେତା ସତ୍ୟବ୍ରତ ନନ୍ଦ, ମନୋଜ ବେହେରା, ନନ୍ଦ ହରିଜନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଟିଟ୍ରାପଙ୍ଗା ପଞ୍ଚାୟତରେ ତାଲା ପକାଇଲେ ଗ୍ରାମବାସୀ

ବଲସକୁମ୍ପା୨୨।୧

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଟିଟ୍ରାପଙ୍ଗା ପଞ୍ଚାୟତରେ ଶନିବାର ଗଣ୍ଡାକାଠି ଗ୍ରାମବାସୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୱାର୍ଡ ନଂ ୪ ର ଗ୍ରାମବାସୀଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ବିରୋଧ କରି ତାଲା ପକାଇଥିଲେ। ଖବର ପାଇ ଖଜୁରିପଡ଼ା ଥାନାଧିକାରୀ ଗେଲୀ କୁମାରୀ ସାହୁ ସମେତ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ। ଗ୍ରାମବାସୀଙ୍କ ଭୋଟର ତାଲିକାରେ ନାମ ବାଦ ପଡ଼ିଥିବା ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଘନକୁହୁଡ଼ି ଲାଗି ଯାତାୟାତରେ ସମସ୍ୟା

ଜି.ଉଦୟଗିରି,୨୨।୧(ଡି.ଏନ.ଏ.)

ଜି.ଉଦୟଗିରିରେ ଘନ କୁହୁଡ଼ି ଆଚ୍ଛାଦିତ କରି ରହୁଥିବା ଦେଖିବାକୁ ମିଳିଛି। ବର୍ଷର ସର୍ବାଧିକ ଘନ କୁହୁଡ଼ି ଶନିବାର ଦେଖିବାକୁ ମିଳିଛି ବୋଲି ଜନସାଧାରଣ କହୁଥିବା ବେଳେ ଏଥିଯୋଗୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ବିଶେଷକରି ସକାଳୁ ଯାତ୍ରୀବାହୀ ବସ୍ ଘାଟିରାସ୍ତାରେ ଚଳାଚଳ କରିବାରେ ବିଶେଷ ସମସ୍ୟା ଦେଖାଦେଇଛି। ଦିନ ୧୦ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିଛି।

